# ହିନ୍ଦୋଳ ଆସନକୁ ନେଇ ଅଙ୍କ ଛିଡୁନି

## ବିଜେଡି, ଭାଜପା, କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇପାରୁନି

ଢେଙ୍କାନାଳ,୧୦।୪(ରତନ ନାୟାର)

ଢେଙ୍କାନାଳ ଏମ୍ପି ନିର୍ବାଚନ ପାଇଁ ବିଜେଡି ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇସାରିଛି। ସେହିପରି ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଢେଙ୍କାନାଳ, ପରଜଙ୍ଗ ଓ କାମାକ୍ଷାନଗର ପାଇଁ ମଧ୍ୟ ଉଭୟ ଦଳ ପ୍ରାର୍ଥୀ ଦେଇସାରିଛନ୍ତି। ହେଲେ ହିନ୍ଦୋଳ ସଂରକ୍ଷିତ ଆସନ ପାଇଁ ବିଜେଡି ଓ ଭାଜପା ଏଯାଏ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଆଶାୟୀମାନେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ସେହିପରି କଂଗ୍ରେସ ଜିଲାରେ ପ୍ରାର୍ଥୀ ଘୋଷଣାରେ ପୂରା ପଛରେ ପଡ଼ିଛି।

ବିଶେଷକରି ହିନ୍ଦୋଳ ବିଧାନସଭା ଆସନ ପାଇଁ ବିଜେଡି କାହାକୁ ପ୍ରାର୍ଥୀ କରିବ ତାହା ଉପରେ ଭାଜପା ସତର୍କ ନଜର ରଖିଛି। ସେହିପରି ଭାଜପା ମଧ୍ୟ କାହାକୁ ପ୍ରାର୍ଥୀ କରିବ ତାହାକୁ ବିଜେଡି ଚାହିଁ ରହିଥିବା ଆଲୋଚନା ହେଉଛି। ଉଭୟ ଦଳରୁ ଯଦି ପ୍ରାର୍ଥୀ ହେବାରୁ କୌଣସି ପ୍ରମୁଖ ନେତା ବଞ୍ଚିତ ହୁଅନ୍ତି, ତାହେଲେ ଏହାକୁ ନେଇ ଉଭୟଦଳ ରଣନୀତି ସ୍ଥିର କରିବେ ବୋଲି କୁହାଯାଉଛି। ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ବିଧାୟିକା ସୀମାରାଣୀ ନାଏକଙ୍କ ସମେତ ଏମ୍ପି ମହେଶ ସାହୁ, ଅଶୋକ ନାଏକଙ୍କ ନାମ ଆଲୋଚନା ହେଉଥିବା ବେଳେ ଭାଜପାରୁ ପୂର୍ବତନ ମନ୍ତ୍ରୀ ଅଞ୍ଜଳୀ ବେହେରା ଓ ମନୋରଞ୍ଜନ ନାଏକଙ୍କ ନାମ ନେଇ ଚର୍ଚ୍ଚା ହେଉଛି। ତେବେ ହିନ୍ଦୋଳ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା ହୋଇ ନ ଥିବାରୁ ଉଭୟ ଦଳର ଏମ୍ପି ପ୍ରାର୍ଥୀ ନିର୍ବାଚନ ପାଇଁ ସାଙ୍ଗଠନିକ ବୈଠକରେ ଯୋଗଦେଇ କର୍ମୀମାନଙ୍କୁ ସଙ୍ଗଠିତ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ଜିଲାର ୪ଟି ଯାକ ବିଧାନସଭା ଏବଂ ଲୋକ ସଭା ପ୍ରାର୍ଥୀ ବର୍ତ୍ତମାନ ସୁଦ୍ଧା ଘୋଷଣା ହୋଇପାରି ନାହିଁ। ଫଳରେ ରାଜନୈତିକ ବାତାବରଣ ସରଗରମ ହୋଇପାରୁନାହିଁ। ଜିଲା କଂଗ୍ରେସ କମିଟିର ସୂଚନା ମୁତାବକ ଢେଙ୍କାନାଳ ଲୋକ ସଭା ପାଇଁ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦିକା ସସ୍ମିତା ବେହେରା ଆଶାୟୀ ଥିବା ବେଳେ ଢେଙ୍କାନାଳ ରାଜ ପରିବାର ପକ୍ଷରୁ ମଧ୍ୟ ଜଣେ ଆଶାୟୀ ପ୍ରାର୍ଥୀ ହେବାର ସମ୍ଭାବନା ରହିଥିବା ଆଲୋଚନା ହେଉଛି। ସେହିପରି ଢେଙ୍କାନାଳ ବିଧାନସଭା ପାଇଁ ସୁସ୍ମିତା ସିଂହଦେଓଙ୍କ ସମେତ ଜିଲା ସଭାପତି ସୁନୀଲ ଦାଶ, ଯୁବ କଂଗ୍ରେସ ସଭାପତି ଶୁଭମ ଦାଶ, ଜିଲା ମହିଳା କଂଗ୍ରେସ ସଭାପତି ସ୍ମିତାରାଣୀ ସାମଲ ପ୍ରମୁଖ ଆଶାୟୀ ରହିଛନ୍ତି। କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଶିଷ୍ଟ ଶିକ୍ଷକ ନେତା ବିପ୍ରବର ସାହୁ, ପ୍ରଭୁଦତ୍ତ ଭଟ୍ଟ ଓ ପିସିସି ସାଧାରଣ ସମ୍ପାଦକ ଆଦିତ୍ୟ ମହାପାତ୍ରଙ୍କ ନାମ ଆଶାୟୀ ପ୍ରାର୍ଥୀଭାବେ ରହିଛି। ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗୋବର୍ଦ୍ଧନ ଶେଖର ନାଏକ ଓ କୈଳାସ ନାଏକ, ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରେ ରଣଜିତ ସାହୁ ଓ ବିଜୟ ରାଉତରାୟଙ୍କ ନାମ ଚର୍ଚ୍ଚା ହେଉଥିବା ଜଣାପଡିଛି। ହିନ୍ଦୋଳକୁ ଛାଡି ବାକି ଆସନରେ ବିଜେଡି ଓ ଭାଜପା ପ୍ରାର୍ଥୀମାନେ ଏକପ୍ରକାର ପ୍ରଚାର କାମ ଆରମ୍ଭ କରିଥିବା ବେଳେ କଂଗ୍ରେସର ପ୍ରାର୍ଥୀ ଘୋଷଣା ହୋଇ ନ ଥିବାରୁ ଦଳର ପ୍ରାର୍ଥୀମାନେ କେବେ ପ୍ରଚାରରେ ସାମିଲ ହେବେ ତାହା ଆଲୋଚନାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶ କହିଛନ୍ତି, ଜିଲା କଂଗ୍ରେସ ପକ୍ଷରୁ ସମସ୍ତ ତାଲିକା ହାଇକମାଣ୍ଡଙ୍କ ନିକଟକୁ ପଠାଯାଇଛି। ଚୂଡ଼ାନ୍ତ ନିଷ୍ପତ୍ତି ହାଇକମାଣ୍ଡଙ୍କ ହାତରେ। ଜିଲା ବିଜେଡି ସଭାପତି ତଥା ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ କହିଛନ୍ତି, ବିଳମ୍ବ ତ ହେଉଛି। କେବେ ଘୋଷଣା ହେବ ଅପେକ୍ଷା କରିଛୁ। ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର କହିଛନ୍ତି, ଦଳର ସର୍ବଭାରତୀୟ ସ୍ତରରେ ପ୍ରାର୍ଥୀ ଚୂଡ଼ାନ୍ତ କରାଯାଉଛି। ତେଣୁ ନିଷ୍ପତ୍ତି ଅପେକ୍ଷାରେ ରହିଛୁ।

# ବାଟମଙ୍ଗଳା ମନ୍ଦିର ନିର୍ମାଣାର୍ଥେ କଳସ ଯାତ୍ରା

ଢେଙ୍କାନାଳ,୧୦।୪(ରତନ ନାୟାର)

ଢେଙ୍କାନାଳ ବାଜିଚୌକସ୍ଥିତ ଓଭର୍ ବ୍ରିଜ୍ ତଳେ ମା' ବାଟ ମଙ୍ଗଳାଙ୍କ ନୂତନ ମନ୍ଦିର ସ୍ଥାପନ ନିମନ୍ତେ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୫୧ ପୁରୁଷ ଓ ମହିଳା ଏହି କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ଥାନୀୟ ବ୍ରାହ୍ମଣୀ ନଦୀ କମଗରା ଘାଟଠାରୁ ପୂଜାର୍ଚ୍ଚନା କରାଯାଇ ସଂକୀର୍ତ୍ତନ ସହ ଏହି ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ଏହାପରେ ଅଧିବାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ୧୨ ତାରିଖ ବିଗ୍ରହ ପ୍ରତିଷ୍ଠା ସହିତ ପୂର୍ଣ୍ଣାହୁତି ଓ ପ୍ରସାଦସେବନ ପରେ ଶେଷହେବ। ଅନୁଗୋଳର ମୁଖ୍ୟ ପୂଜକ ଅଶୋକ କର ଓ ତାଙ୍କ ସାଥୀମାନେ ସମସ୍ତ ପୂଜାକୁ ସୁଚାର ରୂପେ ପାଳନ କରୁଥିବାବେଳେ କର୍ତ୍ତା ଭାବେ ଗୁନିଆ ସାହୁ, ସଭାପତି ଶ୍ରୀକାନ୍ତ ରଣା, ଉପସଭାପତି ନିର୍ମଳ ରାଉତ, କୋଷାଧ୍ୟକ୍ଷ ଜିତେନ୍ଦ୍ର ବେହେରା, କର୍ମକର୍ତ୍ତା ଶଶି ପାଣ୍ଡେ, ମେଘନାଦ ସାହୁ, ଅମିତ୍ ପାଣ୍ଡେ, ଆଶୁତୋଷ ଦାସ, ମନୋରଞ୍ଜନ ଜେନା, ମଦନ ବେହେରା, ପିନୁ ରାଉତ, ବିଶ୍ୱଜିତ୍ ବେହେରା, ତୁଷାର ମଲ୍ଲିକ, ଗୁଡୁ ସିଂ, ଶିବୁ ରାଉତ ପ୍ରମୁଖ ସହଯୋଗ କରୁଛନ୍ତି।



ବାଟମଙ୍ଗଳା ମନ୍ଦିର ନିର୍ମାଣ ପାଇଁ କଳସ ଶୋଭାଯାତ୍ରା ସହ ପୂଜାର୍ଚ୍ଚନା କରାଯାଉଛି।

# ଗାୟତ୍ରୀ ଶକ୍ତିପୀଠରେ ବାସନ୍ତିକ ନବରାତ୍ର ମହୋତ୍ସବ



ଢେଙ୍କାନାଳ,୧୦।୪(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ କୈବଲ୍ୟ ବଜାରଠାରେ ଗାୟତ୍ରୀ ଶକ୍ତିପୀଠରେ ଚଳିତ ବର୍ଷ ବାସନ୍ତିକ ନବରାତ୍ର ମହୋତ୍ସବ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୭ ତାରିଖ ବୁଧବାର ପୂର୍ଣ୍ଣାହୁତି ସହ ଶେଷ ହେବ। ପ୍ରତ୍ୟେହ ଗାୟତ୍ରୀ ପରିବାରର ସଦସ୍ୟମାନେ ଯଜ୍ଞରେ ଯୋଗଦାନ କରୁଛନ୍ତି। ଆସନ୍ତା ୧୭ ତାରିଖ ପୂର୍ବାହ୍ନ ୮ଟା ୩୦ରେ ପୂର୍ଣ୍ଣାହୁତି ଯଜ୍ଞ ଆରମ୍ଭ ହୋଇ ଦିବା ୧୧ଟା ୩୦ରେ ଶେଷ ହେବ। ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଉତ୍ସବକୁ ବ୍ୟବସ୍ଥାପକ ଶିବପ୍ରସାଦ ଶତପଥୀ, ସଭାପତି ସନ୍ତୋଷ କୁମାର ଅଗ୍ରୱାଲା, ରେଖା ହିନ୍ଦୋଚା, ସୁକାନ୍ତି ବେହେରା, ଦେବରାଜ ସାହୁ ଓ ଗୋପୀନାଥ ସାହୁ ପ୍ରମୁଖ ପରିଚାଳନା କରୁଛନ୍ତି। ଯଜ୍ଞ କାର୍ଯ୍ୟକୁ ବସନ୍ତ ମଞ୍ଜରୀ ମିଶ୍ର ଓ ପଦ୍ମିନୀ ମିଶ୍ର ପରିଚାଳନା କରୁଛନ୍ତି।

# ପ୍ରଦୂଷଣ ଓ ଶକ୍ତି ସଙ୍କଟର ସମାଧାନ ପାଇଁ ଗବେଷଣା ଜରୁରୀ

## ରସାୟନ ବିଭାଗର ବାର୍ଷିକ ଉତ୍ସବ

ଢେଙ୍କାନାଳ,୧୦।୪(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଭାଗର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରସାୟନ ବିଜ୍ଞାନୀମାନେ ଗବେଷଣାର ଧାରା ବଦଳାଇ ପରିବେଶ ପ୍ରଦୂଷଣ ଓ ଶକ୍ତି ସଂକଟର ସମାଧାନ ଦିଗରେ ଗବେଷଣା କରିବା ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ।





ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ. ଦେବାଶିଷ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଆଦିମ କାଳରୁ ଆଜି ପର୍ଯ୍ୟନ୍ତ ରସାୟନ ବିଜ୍ଞାନର ବିବର୍ତ୍ତନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସୁଜାତା କୁମାରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡା. ଚିତ୍ତରଞ୍ଜନ ସାହୁ କହିଲେ, ବର୍ତ୍ତମାନ ପୃଥିବୀର ସମସ୍ତ ସୁଖ ସ୍ୱାଚ୍ଛନ୍ଦ ରସାୟନ ବିଜ୍ଞାନର ଯୁଗାନ୍ତକାରୀ ଆବିଷ୍କାର ଯୋଗୁ ସମ୍ଭବ ହୋଇପାରିଛି। କିନ୍ତୁ ଏହାସହିତ ପୃଥିବୀର ପ୍ରାକୃତିକ ପରିବେଶକୁ ନଷ୍ଟ କରିବାରେ ରସାୟନ ବିଜ୍ଞାନ ମଧ୍ୟ ଅନେକାଂଶରେ ଦାୟୀ। ତେଣୁ ରସାୟନ ବିଜ୍ଞାନର ଗବେଷଣା ମନୁଷ୍ୟର ଆବଶ୍ୟକତା ପୂରଣ ସହିତ ପରିବେଶ ସୁରକ୍ଷା ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ସଭାପତିତ୍ୱ କରି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ରସାୟନ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ମତବ୍ୟକ୍ତ କରିଥିଲେ। ଡ. ନିଳାଦ୍ରୀ ବିହାରୀ ଦେବତା ସମ୍ମାନର ଭିତ୍ତିପ୍ରସ୍ତାବ ଉପସ୍ଥାପନ କରିଥିଲେ ଓ ଡ. ସୁପ୍ରଭା ମହାରଣା ବିଭାଗୀୟ ମୁଖପତ୍ର 'ଦି କାଟାଲିଷ୍ଟ' ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭାଗର ପ୍ରାଚିରପତ୍ର 'ଆରୋମା' ଓ ବିଭାଗୀୟ ମୁଖପତ୍ର 'ଦି କାଟାଲିଷ୍ଟ' ଉନ୍ମୋଚିତ ହୋଇଥିଲା। ବିଭାଗୀୟ ପରମ୍ପରା ଅନୁଯାୟୀ ଶ୍ରେଷ୍ଠ ଛାତ୍ରୀ ଶର୍ମିଷ୍ଠା ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହିତ ସ୍ନାତକ ଓ ସ୍ନାତକୋତ୍ତର ସମ୍ମାନରେ ଚଳିତବର୍ଷ ଶ୍ରେଷ୍ଠ ଉପସ୍ଥାପନା କରିଥିବା ଦୁଇଛାତ୍ର ଦୁର୍ଯ୍ୟୋଧନ ସାହୁ ଓ ଶାଶ୍ୱତ କୁମାର ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସର୍ବଭାରତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଅନନ୍ତା ପ୍ରିୟଦର୍ଶିନୀଙ୍କୁ ସମ୍ମାନିତ କରାଯାଇଥିଲା। ଅବସରଗ୍ରହଣ କରିବାକୁ ଯାଉଥିବା ବିଭାଗୀୟ କର୍ମଚାରୀ ଶେଖ ନଇମ ବକ୍ସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ପ୍ରିତମ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ସମେତ କର୍ମଚାରୀ ପବିତ୍ର ବେହେରା, ସୌମ୍ୟରଞ୍ଜନ କର, ଶ୍ରେୟାଂଶୀ ଖୁଣ୍ଟିଆ ଓ ଦୀପ୍ତିମୟୀ ସାହୁ ସହଯୋଗ କରିଥିଲେ।

# ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ

ପରଜଙ୍ଗ,୧୦।୪(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ନିର୍ବାଚନ ମଣ୍ଡଳୀର ପରଜଙ୍ଗ ବ୍ଲକ କନ୍ତୋର ପଞ୍ଚାୟତ ଚାନ୍ଦପୁର ଗ୍ରାମର ଶତାଧିକ ଭାଜପା କର୍ମୀ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ନେତୃତ୍ୱରେ ଭାଜପା ନେତା ଲିପୁନ ଭୂଟିଆ, ବିଟ ସାହୁ, କରୁଣାକର ସାହୁ, କିଶୋରୀ ରାଉଳ, କିଶୋରି ଭୂଟିଆ, ବସନ୍ତ ସାହୁ, ବାପି ସେନାପତି, ଅଲେଖ ସାହୁ, କୀର୍ତ୍ତନ ସାହୁ, ନରହରି ପରିଡ଼ା, ପ୍ରଦୀପ ସାହୁ ଏବଂ ବିନୟ ସାହୁଙ୍କ ସମେତ ଦଳର ଶତାଧିକ ମହିଳାପୁରୁଷ ବିଜେଡିରେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ସାହୁ ନୂତନ କର୍ମକର୍ତ୍ତାଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ।



# ଚୈତ୍ର ପ୍ରତିପଦା ଦିବସ ପାଳିତ

ଢେଙ୍କାନାଳ,୧୦।୪(ରତନ ନାୟାର)

ଢେଙ୍କାନାଳ ଦଧିବାମନଜୀଉ ପ୍ରାଙ୍ଗଣରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ତଥା ଚୈତ୍ର ଶୁକ୍ଳ ପ୍ରତିପଦା ଦିବସ ସୋମବାର ପାଳିତ ହୋଇଯାଇଛି। ପରିଷଦର ସଭାପତି ଦୁର୍ଗାମାଧବ ପୃଷ୍ଟିଙ୍କ ସଭାପତିତ୍ୱରେ ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ରାଜ୍ୟ ସଦସ୍ୟ କବି ବାହାଦୂର ପାଟସାହାଣୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ଏହି ଦିବସ ପାଳନର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ବଡ଼ଜେନା ସାହିତ୍ୟ ସଂସଦ ସଭାପତି, ଶିକ୍ଷାବିତ୍ କବି ଶଙ୍କର୍ଷଣ ଶତପଥୀ, ସମ୍ମାନିତ ଅତିଥି ଭାବେ ଡ. ପ୍ରମୋଦ ନାୟକ, ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ, ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କବି ଡ. ପ୍ରମୋଦ କୁମାର ପରିଡ଼ା ଯୋଗଦେଇ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଡଭୋକେଟ୍ ନିବେଦିତା ରଥ, କବି ଲଳିତ ମୋହନ ବେହେରା, ଅଜିତ କୁମାର ମହାନ୍ତି, ନନ୍ଦିକେଶ୍ୱରୀ ନାଥ, ସଂଯୁକ୍ତା ଶରଣ, କେଶବ ବେହେରା ଓ ପବିତ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିବା ସଙ୍ଗେ ସଙ୍ଗେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପରିଷଦର ଉପସଭାନେତ୍ରୀ ପ୍ରଭାତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଦେଶୀ ମଦ ଜବତ, ଜଣେ ଗିରଫ

ରାସୋଳ,୧୦।୪
(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ରାସୋଳ ଥାନାର ବେଡ଼ାପଡ଼ା ଜଙ୍ଗଲ ମଧ୍ୟରେ ଦେଶୀମଦ ରନ୍ଧା ଭାଟି ଉପରେ ମଙ୍ଗଳବାର ପୋଲିସ ପକ୍ଷରୁ ଚଢ଼ାଉ କରା ଯାଇଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ସନ୍ତୋଷ ନାୟକଙ୍କୁ ଗିରଫ କରାଯିବା ସହ ୧୦୦ଲିଟର ଦେଶୀ ମଦ ଜବତ କରାଯାଇଥିଲା। ଏଥିସହ ଉକ୍ତ ବେଆଇନ ଦେଶୀ ମଦରନ୍ଧା ଭାଟିକୁ ଭାଙ୍ଗି ଦିଆଯାଇଥିଲା। ୨ ହଜାର ଲିଟିର ଦେଶୀ ମଦ ପୋଚ ନଷ୍ଟ କରାଯାଇଥିଲା। ସେହିପରି ଉକ୍ତ ଅଞ୍ଚଳରେ ସୁରକ୍ଷୀ ବେହେରାଙ୍କ ଭାଟି ଉପରେ ଚଢ଼ାଉ କରାଯାଇ ୧୦୦ ଲିଟର ଦେଶୀ ମଦ ଜବତ ସହ ୪ ହଜାର ଲିଟର ପୋଚ ନଷ୍ଟ କରିଦିଆଯାଇଛି। ମଦରନ୍ଧା ସାମଗ୍ରୀକୁ ମଧ୍ୟ ଜବତ କରାଯାଇଛି। ସୁରକ୍ଷୀ ବେହେରା ଫେରାର ଥିବାବେଳେ ତାଙ୍କ ନାମରେ ନଂ–୧୦୬।୨୪ରେ ଏକ ଅବକାରୀ ମାମଲା ରୁଜୁ କରାଯାଇଛି। ସନ୍ତୋଷ ନାୟକଙ୍କୁ ନଂ. ୧୦୫।୨୪ ମାମଲାରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ନିର୍ବାଚନକୁ ଆଖି ଆଗରେ ରଖି ବିଭିନ୍ନ ଜାଗାରେ ଚଢ଼ାଉ କରାଯିବ ବୋଲି ରାସୋଳ ଥାନା ଅଧିକାରୀ ବିଧୂ ଭୂଷଣ ମିଶ୍ର ସୂଚନା ଦେଇଛନ୍ତି।

# ଘର ଭାଙ୍ଗିଲେ, ୪୨ ନଡ଼ିଆ ଗଛ ଉପାଡ଼ିଲେ

## କୁସୁପଙ୍ଗାରେ ହାତୀ ଉପଦ୍ରବ

ଢେଙ୍କାନାଳ,୧୦।୪(ରତନ ନାୟାର)/ ଓଡ଼ାପଡ଼ା (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ଓଡ଼ାପଡ଼ା ବ୍ଲକ କୁସୁପଙ୍ଗା ଅଞ୍ଚଳରେ ମଙ୍ଗଳବାର ରାତିରେ ୨୭ ହାତୀ ଉପଦ୍ରବ କରି ଘରଦ୍ୱାର ଭାଙ୍ଗିବା ସହିତ ଅନେକ ଧନସମ୍ପତ୍ତି ନଷ୍ଟ କରିଛନ୍ତି। ସେହିପରି ୪୨ଟି ନଡିଆ ଗଛକୁ ଓପାଡ଼ିବା ସହିତ ଘର ଭିତରେ ପଶି ଚାଉଳ, ଅଟା, ଡାଲି ଓ ପନିପରିବା ଖାଇ ଦେଇଛନ୍ତି। ହାତୀପଲଙ୍କୁ ନେଇ କୁସୁପଙ୍ଗା ସମେତ ଖଡ଼ଗପ୍ରସାଦ, କୁରୁଣ୍ଟି, ମୋଟଙ୍ଗା, ବିଡୋ, ନିମିଧା ଆଦି ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

ଗତ ରାତିରେ ହାତୀପଲ କୁରୁଣ୍ଟି ଓ କୁସୁପଙ୍ଗା ଅଞ୍ଚଳରେ ପ୍ରବେଶ କରି ରେଳପଥ କଡ଼ରେ ଥିବା ନିଶାମଣି ନାୟକଙ୍କ ବାଡିରେ ପଶି ୪୨ ନଡ଼ିଆ ଗଛ ଓପାଡି କନ୍ଦା ଖାଇଥିଲେ। ଏହାପରେ ତାଙ୍କ ଘର ସହ ଆଲମିରା, ଫ୍ରିଜ, ବାକ୍ସ ଆଦି ଭାଙ୍ଗି ଦେଇଥିଲେ। ଘର ଭିତରେ ଶୋଇଥିବା ନିଶାମଣି, ତାଙ୍କ ସ୍ତ୍ରୀ ଓ ଦୁଇପୁଅ ଦୌଡ଼ି ପଳାଇବାରୁ ବର୍ତ୍ତି ଯାଇଥିଲେ। ଏହାପରେ ହାତୀପଲ ଗଙ୍ଗାଧର ସ୍ୱାଇଁଙ୍କ ଘର ସମ୍ମୁଖରେ ଥିବା ଚାଳ ଘରକୁ ଠେଲି ଭାଙ୍ଗିଦେବା ସହିତ ଘର ଭିତରେ ପଶି ଚାଉଳ, ଅଟା, ଡାଲି ଓ ପନିପରିବା ଖାଇଦେଇଥିଲେ। ଘର ଭିତରେ ଥିବା ଗଙ୍ଗାଧର ଓ ତାଙ୍କ ପରିବାର ଲୋକେ ଅଳ୍ପକେ ରକ୍ଷା ପାଇଯାଇଥିଲେ। ସେହିପରି ରେଣୁ ବେହେରାଙ୍କ ୨ବଖରା ଘର କାନ୍ଥ ଭାଙ୍ଗି ଚାଉଳ ଓ ଭାତ ଆଦି ଖାଇଦେଇଥିଲେ। ଜ୍ୟୋତ୍ସ୍ନା ନାୟକଙ୍କ ନୂଆ ଆଜବେଷ୍ଟସ ଛାତକୁ ଭାଙ୍ଗିବା ସହିତ କବାଟକୁ ଠେଲି ଭାଙ୍ଗି ଦେଇଥିଲେ। ଏଥିସହ ଦୁଷ୍ମନ୍ତ ରଣା, ମାନସ ସାହୁ, ଶିବାଜୀ ନାୟକ, ଅବୁଲା ସାହୁ, ନବେଇ ସାହୁଙ୍କ ଘର ଓ ଫସଲକୁ କ୍ଷୟକ୍ଷତି ଘଟାଇଛନ୍ତି। ବାରମ୍ବାର ହାତୀ ପଲଙ୍କ ଉପଦ୍ରବ ଯୋଗୁ ଧନଜୀବନ ନଷ୍ଟ ହେଉଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର କହିଛନ୍ତି, ଖବର ପାଇବା ପରେ ଡିଏଫ୍ଓଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳକୁ ଅଧିକ ଗାଡି ଓ କର୍ମଚାରୀ ପଠାଯାଇଛି। ଉକ୍ତ ଅଞ୍ଚଳରେ ୨୭ଟି ହାତୀ ରହିଛନ୍ତି। ସରକାରୀ ଜାଗାକୁ ଛାଡି ନିଜ ଜାଗାରେ କ୍ଷୟକ୍ଷତି ସମ୍ପର୍କରେ ଲିଖିତ ଭାବରେ ଜଣାଇଲେ ଏ ସମ୍ପର୍କରେ ପଦକ୍ଷେପ ନିଆଯିବ।





ହାତୀ ଭାଙ୍ଗିଥିବା ଇଟାକାନ୍ଥ ଓ ଚାଳ ଘର।

# ଜନ୍ମଭୂମି, କର୍ମଭୂମିବାସୀଙ୍କ ଆଶୀର୍ବାଦ ଭିକ୍ଷା

## ଖଡ଼ଗପ୍ରସାଦ, କଣ୍ଟାବଣିଆରେ ଅବିନାଶଙ୍କ ଜନସଭା

ଢେଙ୍କାନାଳ,୧୦।୪(ରତନ ନାୟାର) / ଓଡ଼ାପଡ଼ା (ରଞ୍ଜିତ ନାୟକ)

ଢେଙ୍କାନାଳ ବିଜେଡି ଏମ୍ପି ପ୍ରାର୍ଥୀ ଡା. ଅବିନାଶ ସାମଲ ବୁଧବାର ନିଜ ଜନ୍ମଭୂମି ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଗ୍ରାମ ଓ କର୍ମଭୂମି କଣ୍ଟାବଣିଆ ବାସିନ୍ଦାଙ୍କ ଆଶିଷ ଭିକ୍ଷା କରିଛନ୍ତି। ଉପରୋକ୍ତ ୨ଟି ସ୍ଥାନରେ ଜନସଭା ମାଧ୍ୟମରେ ଏମ୍ପି ପ୍ରାର୍ଥୀ ଡା. ସାମଲ ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ ମାଗିଛନ୍ତି।





ପୂର୍ବାହ୍ନ ୧୧ଟାରେ ଏମ୍ପି ପ୍ରାର୍ଥୀ ଡା. ସାମଲ ପ୍ରଥମେ ନିଜ ଗ୍ରାମ ଖଡ଼ଗପ୍ରସାଦ ଓ ପରେ ମଧ୍ୟାହ୍ନରେ ଓଡ଼ାପଡ଼ା ବ୍ଲକ ୧ନଂ ଜିଲା ପରିଷଦ ଜୋନ୍‌ର କଣ୍ଟାବଣିଆ ଠାରେ ଆୟୋଜିତ ଜନସଭାରେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଖଡଗପ୍ରସାଦ ତାଙ୍କର ଜନ୍ମମାଟି ଓ କଣ୍ଟାବଣିଆ କର୍ମଭୂମି। ଏହି ଅଞ୍ଚଳରେ ସମସ୍ତଙ୍କ ସାଙ୍ଗରେ ରହିଛି ଓ ବଢିଛି। ଏବେ ଏହି ଅଞ୍ଚଳ ସମେତ ସଂସଦୀୟ କ୍ଷେତ୍ରର ଲୋକମାନଙ୍କ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁଯୋଗ ଦେଇଛନ୍ତି। ସମସ୍ତଙ୍କ ଆଶୀର୍ବାଦ ରହିଲେ ଆଗକୁ ବଢ଼ିପାରିବି। ଆସନ୍ତା ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଯୋଡ଼ି ଶଙ୍ଖରେ ଭୋଟ ଦେବା ନିମନ୍ତେ ସେ ସମସ୍ତଙ୍କୁ ଅନୁରୋଧ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ତାଙ୍କ ଗାଁ ଖଡ଼ଗପ୍ରସାଦ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଯାଉ ନ ଥିଲେ ମଧ୍ୟ ଗ୍ରାମ ଏବଂ ଗ୍ରାମବାସୀଙ୍କ ଦୁଃଖସୁଖରେ ସବୁବେଳେ ସାମିଲ ହୋଇଛି। ଗ୍ରାମବାସୀ ବିଶେଷକରି ମହିଳାମାନଙ୍କ ଆଶୀର୍ବାଦ ରହିଛି। ମାତୃଶକ୍ତି ଠାରୁ ବଡ଼ ଆଶୀର୍ବାଦ କିଛି ନାହିଁ ବୋଲି କହି ସେ ଭାବବିହ୍ୱଳ ହୋଇ କହିଥିଲେ। ଏହି ଅବସରରେ ସେ କହିଥିଲେ, ଆସନ୍ତା ୨୦୩୬ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ହେଉଥିବାରୁ ଯୁବପିଢ଼ିଙ୍କ ପାଇଁ ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ। ଅଞ୍ଚଳରେ ଯାହାକିଛି ଶିଳ୍ପ ସମସ୍ୟା ରହିଛି ତାହାର ସମାଧାନ କରାଯିବ। କାଳିଆ ଯୋଜନା, ମ୍ୟାଜିକ କାର୍ଡ, ଛାତ୍ରବୃତ୍ତି, ବିଏସ୍‌କେୱାଇ ମୁଖ୍ୟମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ତେଣୁ ଆସନ୍ତା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ସେ ନିବେଦନ କରିଥିଲେ। ଏହି ଦୁଇଟିଯାକ କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ଗଙ୍ଗାଧର ସାମଲ, ବିଜେଡି ଜିଲା କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁଙ୍କ ସମେତ ନରୋତ୍ତମ ରାଉତ, ବିଜୟ ଧଳ, ଜୟନ୍ତ ନାଥ, ନରେନ୍ଦ୍ର ସାହୁ, ଦୟାନିଧି ଦଳେଇ, ଜ୍ୟୋତି ପ୍ରସାଦ ରାଉତ, ସଞ୍ଜୟ ସାହୁ, ପ୍ରିୟବ୍ରତ ସାହୁ, ଅଖିଳ ମହାପାତ୍ର ଏବଂ ଓଡ଼ାପଡ଼ା ବ୍ଲକ ଜିଲା ପରିଷଦ ଜୋନ୍–୧ ଅଧୀନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଖଡଗ ପ୍ରସାଦଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା କଣ୍ଟାବଣିଆ ପର୍ଯ୍ୟନ୍ତ ଯାଇଥିଲା।

# ବଇଣ୍ଡାରେ ସହଯୋଗ ମାଗିଲେ ବବି

ବଇଣ୍ଡା,୧୦।୪(ପରିକ୍ଷିତ ସାହୁ)



ବିଜୁ ଜନତା ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ବୁଧବାର ଏହି ସଂସଦୀୟ କ୍ଷେତ୍ର ଅଧୀନ ଅନୁଗୋଳ ଜିଲାର କିଶୋରନଗର ବ୍ଲକ ବଇଣ୍ଡାରେ ପହଞ୍ଚି ଲୋକଙ୍କ ସହଯୋଗ ମାଗିଛନ୍ତି। ଆଠମଲ୍ଲିକ ଉପଖଣ୍ଡ ଦେଇ ସେ ଛେଣ୍ଡିପଦା ଯାଉଥିବା ବେଳେ ବଇଣ୍ଡାଠାରେ କିଛି ସମୟ ଅଟକିଥିଲେ। ସେଠାରେ ବିଜେଡି ପକ୍ଷରୁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ବବି କହିଥିଲେ, ଅନ୍ୟ ଦଳର ନେତା କେବଳ ବଡ଼ ବଡ଼ କଥା କହିବା ସହ ସମାଲୋଚନା କରିଜାଣନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାହା ନ କରି ଲୋକେ କିଭଳି ସବୁ ସୁବିଧା ପାଇବେ ସେ ନେଇ ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପ୍ରତ୍ୟେକ ଗ୍ରାମର ବିକାଶ ହେଲେ ରାଜ୍ୟର ବିକାଶ ହେବ ନାରା ଦେଇ କାମ କରୁଛନ୍ତି। କେନ୍ଦ୍ରର ଅନେକ ଯୋଜନା ରାଜ୍ୟରେ ଠିକ୍ ଭାବ କାର୍ଯ୍ୟକାରୀ ହୋଇପାରୁନାହିଁ। ବିଶେଷକରି ଅନୁଗୋଳ ଜିଲା ଦେଇ ଯାଇଥିବା କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ କାମ ଦୀର୍ଘ ୬ ବର୍ଷ ହେଲା ସରିପାରୁ ନାହିଁ। ଏହି ଜିଲାର ନେତା କେନ୍ଦ୍ର ସରକାରରେ ମନ୍ତ୍ରୀ ଥିଲେ ମଧ କାମ କରିପାରୁନାହାନ୍ତି। ତେଣୁ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ବବି ଲୋକଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ, ଅନୁଗୋଳ ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ, ଆଠମଲ୍ଲିକ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଜିଲାପରିଷଦ ସଭାପତି ବବିତା ପ୍ରଧାନ, କିଶୋରନଗର ବ୍ଲକ ଅଧକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, ସରପଞ୍ଚ ଦୀପ୍ତିମୟୀ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ସୁନୀଲ ପ୍ରଧାନ, ବିଜେଡି ନେତା ସନ୍ତୋଷ ପ୍ରଧାନ, ମାନସ ସାହୁ, ତପନ ସାହୁ, ସୁନୀଲ ବିଶ୍ୱାଳ, ଜିତେନ୍ଦ୍ର ବେହେରାଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

## ମଦ ଜବତ, ୨ ଗିରଫ

ବଇଣ୍ଡା,୧୦।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ପୋଲିସ ମଙ୍ଗଳବାର ଧଉରାଗୋଠ ଗ୍ରାମରେ ଚଢାଉ କରି ଜ୍ୟୋତି ମାଝିଙ୍କ ଘରୁ ୧୩ ଲିଟର ଚୋରା ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେ ବେଆଇନ ଭାବେ ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢାଉ କରିଥିଲା। ସେହିପରି ଭେଜିଗୋଠ ଗ୍ରାମରେ ଚଢାଉ କରି ମିନତୀ ପ୍ରଧାନଙ୍କ ଘରୁ ୧୨ ଲିଟର ଚୋରା ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି।

## ବାଇକ୍ ଜବତ, ଜଣେ ଗିରଫ

ବଇଣ୍ଡା,୧୦।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ପୋଲିସ ମଙ୍ଗଳବାର ଡେବେରାପାଲି ଗ୍ରାମରେ ମଦ୍ୟପାନ କରି ଗାଡି ଚଲାଉଥିବା ଅଭିଯୋଗରେ ଜରପଡା ଥାନା ଡୁକୁଡା ଗ୍ରାମର ଚକ୍ରଧର ମହରଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକ୍ ଜବତ କରିଛି। ସେ ମଦ୍ୟପାନ କରି ବାଇକ ଚଲାଉଥିବାବେଳେ ପୋଲିସ ଯାଞ୍ଚ କରି ତାଙ୍କୁ ଗିରଫ କରିଥିଲା।

## ପିଲା ଚୋରି ସନ୍ଦିଗ୍ଧଙ୍କୁ ପୋଲିସ ଜିମା

ବଇଣ୍ଡା,୧୦।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ୨ ଜଣ ପିଲାଙ୍କୁ ବାଇକ୍‌ରେ ବସାଇ ନେଇଯାଉଥିବା ଅଭିଯୋଗରେ ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ରତମା ଅଞ୍ଚଳର କୃଷ୍ଣଚନ୍ଦ୍ର ସାହୁଙ୍କୁ ବୁଧବାର ଅଞ୍ଚଳବାସୀ ଧରି ପୋଲିସ ଜିମା ଦେଇଛନ୍ତି।

ଘଟଣାରୁ ଜଣାପଡିଛି, ବୁଧବାର ଭାଗୀରଥିପୁର ଅଞ୍ଚଳର ଜଣେ ଛାତ୍ରୀ ଓ ଛାତ୍ର ସ୍କୁଲରୁ ଫେରୁଥିବା ବେଳେ କୃଷ୍ଣଚନ୍ଦ୍ର ଉଭୟଙ୍କୁ ଘରେ ଛାଡ଼ିଦେବାକୁ କହି ବାଇକ୍‌ରେ ବସାଇ ନେଉଥିଲେ। ହେଲେ ଉଭୟଙ୍କୁ ଘର ନିକଟରେ ନ ଛାଡି ଦ୍ରୁତଗତିରେ ସମ୍ବଲପୁର ଅଭିମୁଖେ ନେଇଯାଉଥିବାବେଳେ ପିଲାମାନେ ଜୋରରେ ପାଟି କରିଥିଲେ। ଏହା ଦେଖି ଅଞ୍ଚଳର କେତେଜଣ ଯୁବକ କୃଷ୍ଣଙ୍କୁ ପିଛା କରି କାବୁ କରିଥିଲେ। ଏହି ଘଟଣା ପ୍ରଚାର ହେବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ପରେ କାବୁ କରାଯାଇଥିବା କୃଷ୍ଣଙ୍କୁ ଗ୍ରାମକୁ ଆଣି ପୋଲିସ ଜିମା ଦିଆଯାଇଥିଲା। ଏ ନେଇ ଠାକୁରଗଡ଼ ଥାନାର ନଟବର ନନ୍ଦ କହିଛନ୍ତି, କୃଷ୍ଣଚନ୍ଦ୍ର ପିଲାମାନଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରୁ କୃଷ୍ଣଙ୍କୁ ଉଦ୍ଧାର କରିବା ସହ ଅଟକ ରଖି ପଚାରାଉଚରା ଚଳାଇଛି।



## ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ଛେଣ୍ଡିପଦା,୧୦।୪(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତ ଅଞ୍ଚଳରେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ହୋଇଥିବା ବାଗଡିଆ ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ପାତ୍ରପଡାରେ ମା' ବାୟାଣୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଗଡ଼ମଣ୍ଡଳଠାରୁ ପାତ୍ରପଡା ଯାଇଥିବା ରାସ୍ତାରେ ଦଳୀୟ ଚିହ୍ନଥିବା ପତାକା ଓ ପୋଷ୍ଟର ଲାଗିଛି। ଯାହା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛି। ଏଣୁ ସେଗୁଡିକୁ ତୁରନ୍ତ ହଟାଇବା ପାଇଁ ଭାଜପା ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ପତାକା ଓ ପୋଷ୍ଟରକୁ ହଟାଇ ଦେଇଥିବା ଜଣାପଡିଛି।



## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ବଇଣ୍ଡା,୧୦।୪(ପରିକ୍ଷିତ ସାହୁ)

କିଶୋରନଗର ଉଚ୍ଚ ବିଦ୍ୟାଳୟର କନିଷ୍ଠ କିରାଣି ପ୍ରତାପ କୁମାର ପ୍ରଧାନଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀଶିକ୍ଷକମାନେ ତାଙ୍କ ସହ ବିତାଇଥିବା ବିଗତ ଦିନର ସ୍ମୃତିଚାରଣ କରିଥିଲେ। କିରାଣି ପ୍ରଧାନ ବିଦ୍ୟାଳୟର ଉନ୍ନତି ପାଇଁ ସାମୂହିକ ଉଦ୍ୟମ କରିବା ଏକାନ୍ତ ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦାୟୀ କର୍ମଚାରୀ ପ୍ରଧାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ୨୦ ଦିନ ପରେ ମାଟି ତଳୁ ମୃତଦେହ ଜବତ

କଣିହାଁ,୧୦।୪(ସଚ୍ଚିଦାନନ୍ଦ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ଥାନା ବଡଗୁଣ୍ଡୁରୀ ପଞ୍ଚାୟତ ଦେଭୂଇଁ ଗ୍ରାମରେ ମାଟି ତଳୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ଭୀମ ନାଏକଙ୍କ ପୁଅ ବାପୁଜୀ ନାଏକ (୨୦)। ପୋତାଯିବାର ୨୦ ଦିନ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ପୋଲିସ କହିଛି, ଗତ ମାର୍ଚ୍ଚ ୨୧ ତାରିଖରେ ଦେଭୂଇଁ ଗ୍ରାମର ଦୋଳ ମେଳଣ ଯାତ୍ରା ଉତ୍ସବ ଚାଲିଥିଲା। ଭୀମ ନାଏକ ତାଙ୍କ ସାଥୀଙ୍କ ସହିତ ବାଇକ୍ ପଛରେ ବସି ଗାଁକୁ ଆସୁଥିଲେ। ଅନ୍ୟ ଏକ ବାଇକ୍‌ରେ ପୁଅ ବାପୁଜୀ ଆସୁଥିବାବେଳେ ପତ୍ରଫୋଡ଼ି ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୁରୁତର ଅବସ୍ଥାରେ ବାପୁଜୀଙ୍କୁ ଉଦ୍ଧାର କରାଯାଇ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଦ୍ର ବ୍ୟକ୍ତି ଓ ମୃତକଙ୍କ ବାପା ଭୀମଙ୍କ ଅନୁରୋଧ ଏବଂ ଲିଖିତ ରାଜି ନାମାକୁ ନେଇ ମୃତଦେହ ହସ୍ତାନ୍ତର କରାଯାଇଥିଲା। ମୃତଦେହ ଗ୍ରାମ ନିକଟସ୍ଥ ବାଙ୍କିଲି ନାଳ ଜୋରାଡ଼ଙ୍ଗା ଗ୍ରାମ ସଂରକ୍ଷିତ ଜଙ୍ଗଲରେ ପୋତି ଦିଆଯାଇଥିଲା। ଉକ୍ତ ଘଟଣାକୁ ନେଇ ମୃତକଙ୍କ ମା' ରଜନୀ ନାଏକ (୩୫) ଥାନାରେ ଅଭିଯୋଗ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ନଂ. ୧୩୪/୨୪ରେ ମାମଲା ରୁଜୁ ହୋଇଥିଲା। ଏହି ସ୍ପର୍ଶକାତର ପ୍ରସଙ୍ଗକୁ ନେଇ ସାଇଣ୍ଟିଫିକ ଟିମ୍ ସହିତ ମାଜିଷ୍ଟ୍ରେଟ୍ ଅନୁପ ପରମଗୁରୁଙ୍କ ଉପସ୍ଥିତିରେ ମୃତଦେହ ଖୋଳାଯାଇ ଜବତ କରାଯାଇଥିଲା। ଆଇଆଇସି ମନୋଜ କୁମାର ପ୍ରଧାନ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ସତ୍ୟାସତ୍ୟ କାରଣକୁ ନେଇ ତଦନ୍ତ ଜାରି ରହିଛି।

## ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ

ଅନୁଗୋଳ,୧୦।୪ (ଅମିତ କୁମାର ସାମଲ)

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତରୁଣ କୁମାର ଦେହୁରୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଦିବସର ମହତ୍ୱ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ନାଲ୍‌କୋ ଶିଶୁ ବିଦ୍ୟା ମନ୍ଦିରର ସମ୍ପାଦକ ପ୍ରଭାତ କୁମାର ଧର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ, ସହ ପ୍ରଧାନ ଆଚାର୍ଯ୍ୟ ବିପ୍ର ଚରଣ ଦାଶ ଓ ଆଚାର୍ଯ୍ୟ ଦିଲୀପ କୁମାର ବରାଳ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ସହିତ ମନ୍ତ୍ର ପାଠ କରାଯାଇଥିଲା। ଗୁରୁମା ସ୍ୱର୍ଣ୍ଣ ମଞ୍ଜରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ନବବର୍ଷ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ

ତାଳଚେର,୧୦।୪ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୱତ୍ ପରିଷଦ ସଭାପତି ଶିକ୍ଷାବିତ୍ ଦିବାକର ବାରିକ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧକ୍ଷ ପଞ୍ଚାନନ ବେହେରା, ମୁଖ୍ୟବକ୍ତା ଭାବେ ଆଚାର୍ଯ୍ୟା ଦମୟନ୍ତୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗୈରିକ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ଆଚାର୍ଯ୍ୟା ବୈଦେହୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦେହୁରୀ ରାଷ୍ଟ୍ରୀୟ ନବ ବର୍ଷ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ହିନ୍ଦୁ ପୌରାଣିକ ମତ ଅନୁସାରେ ଏହି ଦିନରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ସଂରଚନା ଆରମ୍ଭ କରିଥିଲେ। ଏହି ଦିବସରେ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ରାଜ୍ୟାଭିଷେକ ଦିବସ, ନବରାତ୍ର ଆରମ୍ଭ, ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆର୍ଯ୍ୟସମାଜର ସ୍ଥାପନା ତଥା ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ଆଦି ଅନୁଷ୍ଠିତ ହୋଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଚାର୍ଯ୍ୟା ପ୍ରିୟଙ୍କା ବେହେରା ଓ ଭଗବତୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ତ୍ରିଲୋଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ କୁମୁଦ ବେହେରା, ମଳୟ ଦାସ, ଅନୀଲ କୁମାର ସାହୁ, ବୀରେନ ପ୍ରଧାନ, ସଞ୍ଜୟ ସାଲିମା, ବୈଜୟନ୍ତୀ ସାହୁ, ସରୋଜା ବେହେରା, ଚୁନିତା ସାହୁ, ସୁଶ୍ରୀ ତ୍ରିପାଠୀ, ସରସ୍ୱତୀ ସାହୁ, ବସନ୍ତ ମହାନ୍ତିଙ୍କ ସମେତ ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

## ଦମ୍ପତିଙ୍କୁ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

ବଇଣ୍ଡା,୧୦।୪(ପରିକ୍ଷିତ ସାହୁ)

ଠାକୁରଗଡ଼ ଥାନା କନ୍ତପଡା ଗ୍ରାମର ରେବତୀ ପ୍ରଧାନ ଓ ତାଙ୍କ ସ୍ୱାମୀ ଜୟରାମ ପ୍ରଧାନଙ୍କୁ ସେହି ଗ୍ରାମର ଜିତୁ ପ୍ରଧାନ ଟାଙ୍ଗିଆରେ ଆକ୍ରମଣ କରିଥିବା ଥାନାରେ ରେବତୀ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୮୪/୨୪ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ରେବତୀ ଗଛରୁ ମହୁଲ ଫୁଲ ସଂଗ୍ରହ କରୁଥିବାବେଳେ ଜିତୁ ପ୍ରତିବାଦ କରିଥିଲେ। ଜୟରାମ ଆସି ପ୍ରତିବାଦ କରିବାରୁ ଜିତୁ ଦମ୍ପତିଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

## ଅଭିଯୁକ୍ତ ଗିରଫ

ବଇଣ୍ଡା,୧୦।୪(ପରିକ୍ଷିତ ସାହୁ)

ଠାକୁରଗଡ଼ ଥାନା ପୋଲିସ କୁସୁମଧରା ଗ୍ରାମରେ ଚଢାଉ କରି ଅଭିଯୁକ୍ତ ନିଲୁ ସାହୁଙ୍କୁ ଗିରଫ କରିଛି। ତାଙ୍କ ନାମରେ ୨୦୧୮ ମସିହାରୁ ଥାନାରେ ମାମଲା ଥିବାବେଳେ ସେ ଦୀର୍ଘଦିନ ହେବ ଫେରାର ଥିଲେ। ଘରେ ଥିବା ଖବରପାଇ ତାଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ମା'ବାଟବାୟାଣୀଙ୍କ ଦର୍ଶନ କଲେ ମୃଦୁଳା ଠାକୁର

ଛେଣ୍ଡିପଦା,୧୦।୪(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ପାତ୍ରପଡାର ଅଧିଷ୍ଠାତ୍ରୀ ଦେବୀ ମା' ବାଟବାୟାଣୀଙ୍କ ବାର୍ଷିକ ପୂଜାରେ ସମ୍ବଲପୁର ଭାଜପା ଏମ୍‌ପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମୃଦୁଳା ଠାକୁର ପ୍ରଧାନ ଯୋଗଦେଇ ମା'ଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଅପରାହ୍ନରେ ମୃଦୁଳା ଠାକୁର ପାତ୍ରପଡାସ୍ଥିତ ମା'ଙ୍କ ପୀଠ ସ୍ଥଳରେ ପହଞ୍ଚି ଥିଲେ। ସେଠାରେ ଉପସ୍ଥିତ ଥିବା ଭାଜପା କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା ଓ ମୃଦୁଳା ଠାକୁର ମା'ଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ସେ ମନ୍ଦିରର ବୁଲି ଦେଖିବା ସହିତ ବହୁ ଦୂରଦୁରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ ଏବଂ ଜନସାଧାରଣ ସହିତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା, ବାଗଡିଆ ମଣ୍ଡଳ ସଭାପତି ମନୋରଞ୍ଜନ ଆଚାର୍ଯ୍ୟ, ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡ଼ନାୟକ, ଜରପଡା ମଣ୍ଡଳ ସଭାପତି ଚିତ୍ରସେନ ସାହୁ, ପାତ୍ରପଡା ସମିତିସଭ୍ୟ ଦୀପକ ସାହୁ, ପଞ୍ଚାୟତ ସଭାପତି ଯୁଗଳ କିଶୋର ସାହୁ, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଆଇଟି କୋଅର୍ଡିନେଟର ଅକ୍ଷୟପାଦ ବେହେରା, ଜରପଡା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସୁଜିତ୍ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।



## ନାଲ୍‌କୋରେ ହିନ୍ଦୁ ନବବର୍ଷ

ଅନୁଗୋଳ,୧୦।୪ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସଂଘ ଚାଳକ ବିଜୟ କୁମାର ସାହୁଙ୍କ ଉପସ୍ଥିତିରେ ବିବେକାନନ୍ଦ ପ୍ରଭାତ ଶାଖା ପକ୍ଷରୁ ହିନ୍ଦୁ ନବବର୍ଷ ନାଲକୋ ଅଞ୍ଚଳରେ ପାଳିତ ହୋଇଯାଇଛି। ବହୁ ସଂଖ୍ୟାରେ ସ୍ୱୟଂସେବକ ସ୍ମେଲ୍ଟର ନିକଟରେ ପହଞ୍ଚି ପ୍ରବେଶ ପଥରେ କାର୍ଯ୍ୟରତ ଶ୍ରମିକଭାଇମାନଙ୍କୁ ପୁଷ୍ପ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ସନ୍ଧ୍ୟାରେ ଭାରତ ମାତା ମନ୍ଦିର ପରିସରରେ ଏକ ଭବ୍ୟ ଆୟୋଜନ ହୋଇଥିଲା। ପ୍ରାକ୍ତନ ରାଜ୍ୟ ସହ ସଂଘ ଚାଳକ ହେମନ୍ତ କୁମାର ଧର ଯୋଗଦେଇ ଆଧୁନିକ ଯୁବକମାନେ ପାଶ୍ଚାତ୍ୟ ସଭ୍ୟତାକୁ ଭୁଲି ରୀତିନୀତିରେ ଭରପୁର ସଂସ୍କୃତିର ମୁଖ୍ୟ ଗୀତା ପଠନ କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଭାତ କୁମାର ସାହୁ ଇଂରାଜୀ ନବ ବର୍ଷକୁ ଭୁଲି ହିନ୍ଦୁ ନବ ବର୍ଷ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଭାରତୀୟ ମଜଦୁର ସଂଘର ରାଜ୍ୟ କୋଷାଧକ୍ଷ ସଞ୍ଜୟ କୁମାର ଦେହୁରୀଙ୍କ ସମେତ ପର୍ଶୁରାମ ସ୍ୱାଇଁ, ଶ୍ରୀବତ୍ସ ଖୁଣ୍ଟିଆ, ଚନ୍ଦ୍ର ଶେଖର ବେହେରା, ଦେବରାଜ ମୂଳିଆଙ୍କ ସମେତ ବହୁ କର୍ମଚାରୀ ତଥା ସ୍ୱୟଂସେବକ ଯୋଗ ଦେଇଥିଲେ।

## ମା' ବାୟାଣୀଙ୍କ ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ



ଛେଣ୍ଡିପଦା,୧୦।୪(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ଗ୍ରାମର ମା'ବାୟାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ବୁଧବାର ସମ୍ପନ୍ନ ହୋଇଛି। ଯାତ୍ରାରେ ପ୍ରାୟ ଲକ୍ଷାଧିକ ଭକ୍ତଙ୍କ ସାମଗମ ହୋଇଥିବା ଦେଖାଯାଇଥିଲା। ପାତ୍ରପଡ଼ା ଗ୍ରାମ କମିଟି ସଭାପତି ଚକ୍ରଧର ସାହୁଙ୍କ ତତ୍ତ୍ୱବଧାନରେ ସକାଳୁ ଗ୍ରାମବାସୀ ଓ ଦେହୁରୀଙ୍କ ସହଯୋଗରେ ରୀତିନୀତି ଅନୁଯାୟୀ ପ୍ରଥମେ ମା' ହିଙ୍ଗୁଳା ମନ୍ଦିର, ବନଦୁର୍ଗା ମନ୍ଦିର, ପଥରପୁଞ୍ଜି, କାଳୀମନ୍ଦିର, ଜଗନ୍ନାଥ ମନ୍ଦିର ଓ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଯାତ୍ରାସ୍ଥଳରେ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ୪୫୬ ଜଣ ମାନସିକଧାରୀ ଛୋଟ ପିଲାମାନଙ୍କ ମୁଣ୍ଡନ କରାଯାଇଥିବାବେଳେ ବିଭିନ୍ନ ମାନସିକ ନେଇ ୧୬ଜଣ ଅଧିଆ ପଡିଥିଲେ। ଯାତ୍ରାରେ ଗ୍ରାମ ସମ୍ପାଦକ ବିଭୂତି ଭୂଷଣ ସାହୁ, ସରପଞ୍ଚ ରଶ୍ମିତା ପ୍ରଧାନ, ସମିତିସଭ୍ୟ ଦୀପକ ସାହୁ, ଶ୍ରୀନିବାସ ସାହୁ, ଜଗବନ୍ଧୁ ସାହୁ, କୋଷାଧକ୍ଷ ଯଦୁମଣି ସାହୁ ପ୍ରାକ୍ତନ ଅଧକ୍ଷ ଲୋକନାଥ ସାହୁ, ବାସୁଦେବ ସାହୁ, ଯଶୋବନ୍ତ ସାହୁ, ଘାସିରାମ ସାହୁ, ବୀରବର ସାହୁ, ବେଣୁଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଓ କଟକରୁ ଆସିଥିବା କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ସ୍ୱାସ୍ଥ୍ୟସେବା ଉପରେ କାର୍ଯ୍ୟ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ପୀଠସ୍ଥଳକୁ ଏକ ବାଇପାସ୍ ରାସ୍ତା ନିର୍ମାଣ ହୋଇଥିବାରୁ ଟ୍ରାଫିକ୍ ସମସ୍ୟା ବହୁ ମାତ୍ରାରେ ଲାଘବ ହୋଇଥିଲା। ବାଗଡିଆ ଥାନା ଓ ଛେଣ୍ଡିପଦା ଥାନା ପକ୍ଷରୁ ପ୍ରାୟ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ କରାଯାଇଥିଲା।

